# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26 September - 2024**

**News Editor : Tapan Kumar Moharana**

*******************************

## ମୁଖ୍ୟ ସମ୍ବାଦ

- ଜନକଲ୍ୟାଣକାରୀ ଯୋଜନାର ସୁଫଳ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇବାକୁ ସରକାର ପ୍ରତିଶ୍ରୁତିବଦ୍ଧ; କହିଲେ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା

- ସ୍ୱଚ୍ଛତା କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ ପାଇଁ ରାଜ୍ୟର ୪ଟି ଜିଲ୍ଲାକୁ ପୁରସ୍କାର ପ୍ରଦାନ କଲେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ

- ସପ୍ତମ ରାଷ୍ଟ୍ରୀୟ ପୋଷଣ ମାସ ଅନ୍ତର୍ଗତ ଦେଶବ୍ୟାପୀ ୯ କୋଟି ୨୦ ଲକ୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ନେଇ ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟର ସୂଚନା

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଜାରି; ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୧ଟି ଜିଲ୍ଲାକୁ ସତର୍କ ସୂଚନା

# ନଡ୍ଡା-ଓଡ଼ିଶା ଗସ୍ତ

ଦୁର୍ଗମ ଅଞ୍ଚଳରେ ଥିବା ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡିକର ସୁଫଳ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍‌ପ୍ରକାଶ ନଡ୍ଡା କହିଛନ୍ତି। ଆଜି ଓଡ଼ିଶା ଗସ୍ତରେ ଆସି ଶ୍ରୀ ନଡ୍ଡା ଭୁବନେଶ୍ୱରରେ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଇ ବିଜେପି ସଦସ୍ୟତା ଅଭିଯାନ ସମ୍ପର୍କରେ ଆଲୋଚନା କରିବା ଅବସରରେ ସେ କହିଛନ୍ତି, ବିଜେପି ଏକ ଗଣତାନ୍ତ୍ରିକ ଦଳ ଏବଂ ଏହା ଆଦର୍ଶବାଦ ଉପରେ ବିଶ୍ୱାସ କରେ। ଦେଶର ଏକମାତ୍ର ରାଜନୈତିକ ଦଳ ଭାବେ ବିଜେପି ସମସ୍ତଙ୍କ ସମର୍ଥନ ହାସଲ କରିଛି ।

ଶ୍ରୀ ନଡ୍ଡା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆଜି ଦେଶ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି। ଖୁବ୍ ଶୀଘ୍ର ଦେଶ ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହେବ ବୋଲି ସେ କହିଛନ୍ତି। ଶ୍ରୀ ନଡ୍ଡା କହିଛନ୍ତି, କେନ୍ଦ୍ର ସରକାର ଲୋକଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା ଭଳି ବିଭିନ୍ନ ସୁବିଧା ଯୋଗାଇବା ଦିଗରେ କାର୍ଯ୍ୟ କରୁଛନ୍ତି। ୭୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ପାଇଁ ଆୟୁଷ୍ମାନ ଯୋଜନାରେ ସାମିଲ କରାଯାଇଛି।

ଆଗକୁ ଏଥିରେ ୬ କୋଟିରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଯୋଡ଼ିବାର ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ସୂଚନା ଅନୁସାରେ, ପରେ ଶ୍ରୀ ନଡ୍ଡା

ରାଜ୍ୟ ବିଜେପି ଅଧ୍ୟକ୍ଷଙ୍କ ସମେତ ମନ୍ତ୍ରୀ, ବିଧାୟକ, ସାଂସଦ ଏବଂ ପଦାଧିକାରୀମାନଙ୍କ ସହ ବିଚାରବିମର୍ଷ କରିବାର କାର୍ଯ୍ୟକ୍ରମ ରହିଛି ।
ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜ୍ୟ ଦଳୀୟ ସଭାପତି ମନମୋହନ ସାମଲଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଏବଂ କର୍ମୀ ଯୋଗଦେଇଛନ୍ତି ।

## ଜଳଶକ୍ତି ମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ସ୍ୱଚ୍ଛତା କ୍ଷେତ୍ରରେ ଦେଶରେ ଓଡ଼ିଶା ଉନ୍ନତ ପ୍ରଦର୍ଶନ କରିଛି ବୋଲି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଚନ୍ଦ୍ରକାନ୍ତ ରଘୁନାଥ ପାଟିଲ କହିଛନ୍ତି । ପୁରୀ ଜିଲ୍ଲାର ସୁଆଣ୍ଡୋଠାରେ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଆଧାରିତ ଏକ ଜନସଭାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଓଡ଼ିଶାର ପ୍ରାୟ ସମସ୍ତ ଗ୍ରାମରେ ଶୌଚାଳୟ ନିର୍ମାଣ କରାଯାଇଛି । ସ୍ୱଚ୍ଛତା ଅଭିଯାନର ସଫଳତାରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସ୍ୱଚ୍ଛତା ଏକପ୍ରକାର ସେବା ହେବା ସହ ସ୍ୱଚ୍ଛତା ସୁରକ୍ଷା ମଧ୍ୟ ଅଟେ ବୋଲି ଶ୍ରୀ ପାଟିଲ କହିଛନ୍ତି ।

ମନ୍ତ୍ରୀ ଶ୍ରୀ ପାଟିଲ୍ ଏହି ଗସ୍ତ କାଳରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ସୁଆଣ୍ଡୋ ଗ୍ରାମରେ 'ଏକ ପେଡ୍ ମା କେ ନାମ' ଅଧୀନରେ ଚାରାରୋପଣ ଅଭିଯାନରେ ଅଂଶଗ୍ରହଣ କରିଥିଲେ । ଏଥିସହ ସେ ଉତ୍କଳମଣି ସ୍ମାରକୀ ସଂଗ୍ରହାଳୟ ଏବଂ ବିଦ୍ୟାଧରପୁର ଗ୍ରାମ ପରିଦର୍ଶନ କରିଥିଲେ । ବିଦ୍ୟାଧରପୁର ଗ୍ରାମପଞ୍ଚାୟତରେ ସେ ସ୍ୱଚ୍ଛଭାରତ ମିଶନର କାର୍ଯ୍ୟକାରିତା ନେଇ ତଦାରଖ କରିଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ସ୍ୱଚ୍ଛତା ଓ

ବର୍ଜ୍ୟବସ୍ତୁ ପରିଚାଳନା ନେଇ ନୂଆପଡା, ପୁରୀ, ଖୋର୍ଦ୍ଧା ଓ ସୁନ୍ଦରଗଡ଼ ଜିଲ୍ଲାକୁ ପୁରସ୍କୃତ କରିଥିଲେ ।

ଏହାପୂର୍ବରୁ ଭୁବନେଶ୍ୱରରେ ଶ୍ରୀ ପାଟିଲ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ସାମାଜିକ ଗଣମାଧ୍ୟମରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ପାନୀୟ ଜଳ ଯୋଗାଣ, ଉଳଉତ୍ସର ପୁନରୁଦ୍ଧାର ଏବଂ ଜଳସମ୍ପଦର ସଠିକ ବିନିଯୋଗ ଉପରେ ଆଲୋଚନା ହୋଇଛି । ରାଜ୍ୟରେ ଜଳଶକ୍ତି ସମ୍ପର୍କିତ ବିଭିନ୍ନ ପ୍ରକଳ୍ପର ସ୍ଥିତି ଉପରେ ମଧ୍ୟ ବୈଠକରେ କେନ୍ଦ୍ରମନ୍ତ୍ରୀଙ୍କ ସହ ମତ ବିନିମୟ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ।

## ପୋଷଣ ମାସ

ସପ୍ତମ ରାଷ୍ଟ୍ରୀୟ ପୋଷଣ ମାସ ଅନ୍ତର୍ଗତ ଅଦ୍ୟାବଧି ଦେଶବ୍ୟାପୀ ୯ କୋଟି ୨୦ ଲକ୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ନେଇ ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି । ଚଳିତ ପୋଷଣ ବର୍ଷରେ ରକ୍ତହୀନତା ଦୂରୀକରଣ କ୍ଷେତ୍ରରେ ୧ କୋଟି ୮୮ ଲକ୍ଷ କାର୍ଯ୍ୟକ୍ରମ, ଅଭିବୃଦ୍ଧି ତଦାରଖ କ୍ଷେତ୍ରରେ  ୧ କୋଟି ୬୮ ଲକ୍ଷ ଏବଂ ପୂରକ ଆହାର କ୍ଷେତ୍ରରେ ୧ କୋଟି ୪୫ ଲକ୍ଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ।

'ପୋଷଣ ଭି ପଢ଼ାଇ ଭି' ଅଭିଯାନ ଅନ୍ତର୍ଗତ ଦେଶବ୍ୟାପୀ ୧ କୋଟି ୫୯ ଲକ୍ଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଅଭିଯାନ ଅନ୍ତର୍ଗତ ଅନ୍ୟାନ୍ୟ

ପଦକ୍ଷେପଗୁଡ଼ିକ ମଧ୍ୟରେ ଗଣ ସଚେତନତା, ପରିବେଶ ସୁରକ୍ଷା ଆଦି କ୍ଷେତ୍ରରେ ଅନେକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଛି ।

## ଉତ୍କର୍ଷତା ପ୍ରମାଣପତ୍ର

ଶିଶୁମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା କ୍ଷେତ୍ରରେ ରାଉରକେଲା ସହରକୁ ସ୍ମାର୍ଟସିଟି ମିଶନ ଏବଂ ଭାରତ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଉତ୍କର୍ଷତା ପ୍ରମାଣପତ୍ର ପ୍ରଦାନ କରାଯାଇଛି । ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଶୁତୋଷ କୁଲକର୍ଣ୍ଣୀ ଏହି ପ୍ରମାଣପତ୍ର ଗ୍ରହଣ କରିଛନ୍ତି । ଏହି ଅବସରରେ ଶ୍ରୀ କୁଲକର୍ଣ୍ଣୀ ରାଉରକେଲାବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଶିଶୁମାନଙ୍କ ଶୈଶବର ସୁରକ୍ଷାକୁ ସୁନିଶ୍ଚିତ କରିବା ଓ ସେମାନଙ୍କ ଅଭିଭାବକମାନଙ୍କ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା କ୍ଷେତ୍ରରେ ଆରମ୍ଭ ହୋଇଥିବା ନର୍ଚରିଂ ନେବରହୁଡ୍ ଚାଲେଞ୍ଜ ଅଭିଯାନ ଆଗକୁ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି ।

## ଅଦରକାରୀ ମେସେଜ୍-ଟ୍ରାଇ

ଭୁଲ ଓ ଅନାବଶ୍ୟକ ଲିଙ୍କ୍ ସନ୍ଦେଶରୁ ଦୂରେଇ ରଖିବା ପାଇଁ ଭାରତୀୟ ଦୂରସଂଚାର ନିୟାମକ ପ୍ରାଧିକରଣ-**ଟ୍ରାଇ** ଆସନ୍ତା ପହିଲାରୁ ଫୋନ୍ ମେସେଜ୍‌ରେ ୟୁଆରଏଲ୍ ସମ୍ବନ୍ଧିତ ସ୍ୱତନ୍ତ୍ର ନିୟମ ଲାଗୁ କରିବାକୁ ଯାଉଛି । ସୁରକ୍ଷିତ ସଂଚାର ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ସହ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ସେବା ପ୍ରଦାନ କରିବା ଏହି ନିୟମର ଲକ୍ଷ୍ୟ ରହିଛି ।

## ଦଶହରା ପ୍ରସ୍ତୁତି

ଦଶହରା ପାଖେଇ ଆସୁଥିବାରୁ **କଟକ** ସହରରେ ମହାନଗର ନିଗମ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଛି।  ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ଅବସରରେ ଆଜି ଉଚ୍ଚ ନ୍ୟାୟାଳୟ ମହାନଗର ନିଗମର କାର୍ଯ୍ୟକୁ ସମାଲୋଚନା କରିବା ସହ ସିଏମ୍‌ସି କମିଶନରଙ୍କୁ ବିପର୍ଯ୍ୟସ୍ତ ରାସ୍ତାଘାଟର ତ୍ୱରିତ ମରାମତି, ଜଳବନ୍ଦୀ ଅଞ୍ଚଳରୁ ଜଳ ନିଷ୍କାସନ ପାଇଁ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ଅବରୋଧ ନ କରିବା ସହ ପୂଜାପେଣ୍ଡାଲ ଓ ତୋରଣ ନିର୍ମାଣ ନ କରିବା, ଶବ୍ଦ ପ୍ରଦୂଷଣ ରୋକିବା ଏବଂ ବିଦ୍ୟୁତ୍ ତାର ରାସ୍ତା ଉପରେ ନ ପକାଇବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତାମାସ ୫ ତାରିଖ ସୁଦ୍ଧା ବିପର୍ଯ୍ୟସ୍ତ ହୋଇପଡିଥିବା ରାସ୍ତାଘାଟଗୁଡ଼ିକୁ ବ୍ୟବହାର ଯୋଗ୍ୟ କରିବା ପାଇଁ ହାଇକୋର୍ଟଙ୍କୁ ରାଜ୍ୟ ପୂର୍ତ୍ତ ସଚିବ ଅବଗତ କରାଇଥିଲେ। ସେହିପରି ଏସ୍‌ସିବି ମେଡିକାଲ୍‌ରେ ଲାଗି ରହିଥିବା ନାନାବିଧ ସମସ୍ୟାର ଖୁବ୍ ଶୀଘ୍ର ସମାଧାନ ହେବ ବୋଲି ସ୍ୱାସ୍ଥ୍ୟ ସଚିବ ହାଇକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ହାତୀମୃତ୍ୟୁ

ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଆଜି ଏକ ହାତୀଶାବକର ମୃତ୍ୟୁ ହୋଇଥିବା ନେଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।  ଚଳିତମାସ ୧୯ ତାରିଖରୁ ହାତୀଛୁଆଟି ଖାଇବା ପିଇବା ଛାଡି ଅସୁସ୍ଥ ହୋଇପଡିବା ପରେ ପଶୁ ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ଚିକିତ୍ସା କରାଯାଉଥିଲା। ତେବେ ଆଜି ଅପରାହ୍ଣ ଗୋଟାଏ ସମୟରେ ଚିକିତ୍ସାଧିନ ଅବସ୍ଥାରେ ଶାବକଟିର ମୃତ୍ୟୁ ହୋଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ୨୦୨୩ ମସିହା ଜୁନ ମାସ ୨୫ ତାରିଖରେ କେନ୍ଦୁଝର ବନଖଣ୍ଡରୁ ହାତୀ ଶାବକକୁ ଉଦ୍ଧାର କରାଯାଇ ନନ୍ଦନକାନନକୁ ଅଣାଯାଇଥିଲା ।

## ସ୍ୱଚ୍ଛତା ହିଁ ସେବା

**ନୟାଗଡ଼** ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଏବଂ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ  ହେବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଉପନଗରପାଳ ଗୁରୁପ୍ରସାଦ ଜେନା ଯୋଗଦେଇ ସ୍ୱଚ୍ଛତାକୁ ସେବା ଏବଂ ବ୍ରତ ରୂପେ ଗ୍ରହଣ କରି ସଚେତନତା ଓ ଜାଗରଣ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ ।

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ପୌର ପରିଷଦ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପରିଷଦର ସମସ୍ତ କର୍ମଚାରୀ ସାମିଲ ହୋଇ ନୂଆ ବସ୍‌ଷ୍ଟାଣ୍ଡ ପରିସର ସଫେଇ କରିଥିଲେ ।

## ମା' ପାଇଁ ଗଛଟିଏ

**ନୟାଗଡ଼** ଜିଲ୍ଲା ଦଶପଲ୍ଲା ଏନ୍‌ଏସି ପକ୍ଷରୁ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନଗରପାଳ ପୁନମ୍ ପ୍ରିୟଦର୍ଶିନୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ଚାରା ବଣ୍ଟନ କରାଯାଇଥିଲା ।

## ରକ୍ତଦାନ ଶିବିର

ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅବସରରେ **ନୂଆପଡା** ଜିଲ୍ଲା ଖଡିଆଲ ବିଜ୍ଞପିତ ଅଂଚଳ ପରିଷଦ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରକ୍ତଦାନ କରି ମାନବିକତାର ମହନୀୟତା ପ୍ରତିପାଦନ କରିବାକୁ କାର୍ଯ୍ୟକ୍ରମର ମୁଖ୍ୟଅତିଥି ଉଜ୍ଜ୍ୱଳ ଗୁପ୍ତା ଆହ୍ୱାନ ଦେଇଥିଲେ । ଏହି ଅବସରରେ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା ।

## ଜନଜାତୀୟ ଅଭିଯାନ ଯୋଜନା

**ନୂଆପଡା** ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ଯୋଜନାରେ ଆଜି ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଏବଂ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସମସ୍ତ ଯୋଗ୍ୟ ଆଦିମ ଜନଜାତି, ଆଦିବାସୀମାନଙ୍କୁ ଏହି ଯୋଜନାରେ ସାମିଲ କରି ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ସାଧନ କରାଯାଇପାରିବ ବୋଲି ଜିଲ୍ଲାପାଳ କହିଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁସୂଚିତ ଜନଜାତି ଅଧ୍ୟୁଷିତ ଅଂଚଳର ଗ୍ରାମଗୁଡ଼ିକରେ ବିଭିନ୍ନ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ଦ୍ୱାରା ସମ୍ପ୍ରଦାୟର ସାମାଜିକ ତଥା ଅର୍ଥନୈତିକ କ୍ଷେତ୍ରର ବିକାଶ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ ଅଭିଯାନ ଯୋଜନା ଆରମ୍ଭ ହୋଇଛି ।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟରେ  ବିଭିନ୍ନ ଅଞ୍ଚଳରେ ବର୍ଷା ଜାରି ରହିଛି । ପ୍ରବଳ ବର୍ଷା ନେଇ ଆଜି ପୁରୀ ଜିଲ୍ଲାର ସମସ୍ତ ସ୍କୁଲ ପାଇଁ ଜିଲ୍ଲାପାଳ ଛୁଟି ଘୋଷଣା କରିଛନ୍ତି । କୋଣାର୍କ ମନ୍ଦିର

ପରିସରରେ ବର୍ଷା ଜଳ ଜମିରହିଥିବା ଜଣାପଡିଛି । ଲଘୁଚାପ କ୍ରମଶଃ ଦୁର୍ବଳ ହେଉଛି ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଘଡଘଡି ସହ ବର୍ଷା ହେବା ନେଇ ୨୧ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି ।

## ହୀରାକୁଦ

ହୀରାକୁଦ ଜଳଭଣ୍ଡାରର ଆଜି ଆଉ ଦୁଇଟି ଗେଟ୍ ଖୋଲାଯାଇଛି । ପୂର୍ବରୁ ଦୁଇଟି ଗେଟ୍ ଖୋଲାଯାଇଥିବାବେଳେ ବର୍ତ୍ତମାନ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ପ୍ରତି ସେକେଣ୍ଡ୍‌ରେ ଜଳଭଣ୍ଡାରକୁ ୭୧ ହଜାର ୩୪୩ କ୍ୟୁସେକ୍ ଜଳ ପ୍ରବେଶ କରୁଛି । ଜଳଭଣ୍ଡାରର ଜଳସ୍ତର ୬୩୦ ଫୁଟ୍ ରହିଥିବା ଜଳଭଣ୍ଡାର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

*******************************